# ଟ୍ରକ୍ ପଛକୁ ପିଟିଲା କାର୍; ଜଣେ ମୃତ, ୩ ଗୁରୁତର

ନୂଆଗଡ଼,୪।୮ (ସମିସ)

ଛକି ବସିଥିଲା ମୃତ୍ୟୁ । ରାସ୍ତାକୁ ଲାଗି ରହିଥିଲା ଏକ ୧୬ ଚକିଆ ସିମେଣ୍ଟ ବୋଝେଇ ଟ୍ରକ । ଏକ କାର୍ ପାରଳାଖେମୁଣ୍ଡିରୁ-ନୂଆଗଡ଼ ଯାଉଥିବା ବେଳେ ବିଳମ୍ବିତ ରାତିରେ ଘଟିଲା ଦୁର୍ଘଟଣା । କାର୍‌ରେ ଥିବା ୪ଜଣଙ୍କ ମଧ୍ୟରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଗୁରୁତର ହୋଇଛନ୍ତି ।


ପ୍ରକାଶ ଯେ, ଗଜପତି ଜିଲ୍ଲା ସେରଙ୍ଗ ଥାନା ଖଜୁରୀପଦା ଫାଣ୍ଡି ଅନ୍ତର୍ଗତ ବଡ଼ପଦା ହାଇସ୍କୁଲ ସମ୍ମୁଖରେ ରହିଥିବା ସିମେଣ୍ଟ ବୋଝେଇ ଟ୍ରକ ପଛକୁ ଧକ୍କା ଦେଇଥିଲା କାର । ଏଥିରେ ଘଟଣାସ୍ଥଳରେ ନୂଆଗଡ଼ର ଟି.ସନ୍ତୋଷ ପାତ୍ର(୪୦)ଙ୍କ ମୃତ୍ୟୁ ହୋଇଥିବା ବେଳେ ନୂଆଗଡ଼ ଗ୍ରାମର ଡ୍ରାଇଭର ଜଗନ୍ନାଥ ପାଇକ (୪୫), ହୋଶୟ ଶବର (୨୫) ଆର୍.ଉଦୟଗିରି ଗ୍ରାମର ଶ୍ୟାମା କୁମାର ଦତ୍ତ (୪୧) ଆହତ ହୋଇଥିଲେ । ପୁଲିସ



ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଟି. ସନ୍ତୋଷ ପାତ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଗୁରୁତର ୩ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ।

ପୁଲିସ କାରକୁ ଫାଣ୍ଡିକୁ ନେଇଯାଇ ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ପଠାଇ ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ନାରାୟଣ ଦାସ କହିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ଏଠାରେ ପ୍ରତିଦିନ ଅନେକ ବଡ଼ ବଡ଼ ମାଲ ବୋଝେଇ ଟ୍ରକ ରାସ୍ତାକୁ ମାଡି ପାର୍କିଂ କରୁଛନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଉଚ୍ଚ ବିଦ୍ୟାଳୟ, ସେଣ୍ଟ ମେରୀ ବାଳିକା ବିଦ୍ୟାଳୟ, ମହିଳା କଲେଜ, ଉପାସନା ଗୃହ, ହଷ୍ଟେଲ ଏବଂ ଅନେକଙ୍କ ବାସସ୍ଥାନ ରହିଛି । ରାସ୍ତାରେ ଭାରି ଯାନ ଅଟକି ରହିଲେ ଦୁର୍ଘଟଣା ସମ୍ଭାବନା ରହିଥିବାରୁ ବାରମ୍ବାର ଏହି ରାସ୍ତାରେ ପାର୍କିଂ ନ କରିବାକୁ ମାଲିକଙ୍କୁ ଜଣାଇଥିଲେ ଲୋକେ । କିନ୍ତୁ ଏଥିପ୍ରତି କେହି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି । ରାତିରେ ଏଠାରେ ଆଲୋକ ବ୍ୟବସ୍ଥା ନଥିବା ବେଳେ, କଳା ଜରିପାଲ ଘୋଡ଼ାଇ ହୋଇଥିବା ଟ୍ରକ ଗାଡ଼ି ଚାଳକଙ୍କୁ ଅନ୍ଧାର ଭଳି ଦେଖାଯାଉଛି । ଏଥିଯୋଗୁଁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି । ରାସ୍ତାରେ ଗାଡ଼ି ପାର୍କିଂ କାଳ ସାଜୁଥିବା ଲୋକେ ଅଭିଯୋଗ କରିଛନ୍ତି ।




# ଓଲଟିଲା ଟିପିଏସ୍‌ଓଡିଏଲ୍ ଭ୍ୟାନ୍

## ୭ ଶ୍ରମିକ ଆହତ, ୪ ଗୁରୁତର



ମୋହନା,୪।୮ (ସମିସ): ଗଜପତି ଜିଲ୍ଲା ମୋହନା ଥାନା ଚାପଟପଙ୍କା ବୁଲାଣି ରାସ୍ତାରେ ଟିପିଏସ୍‌ଓଡିଏଲ୍ ବିଦ୍ୟୁତ କର୍ମଚାରୀଙ୍କୁ ନେଇ ଯାଉଥିବା ଏକ ପିକ୍‌ଅପ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡିବା ଫଳରେ ଗାଡ଼ିରେ ଥିବା ୭ ଜଣ ଶ୍ରମିକ ଆହତ ହୋଇଛନ୍ତି । ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ୪ଜଣ ଗୁରୁତର ଆହତ ବପୁନୁ ମହାନ୍ତ, ଶିବା ମାନ୍ଦ୍ରା, ଲୁଲୁ ଥିଆ ଏବଂ ତପନ ଦାସଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି । ବିଦ୍ୟୁତ ପୋଲ ପୋତା କାର୍ଯ୍ୟ ସାରି ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ପୁଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ କରୁଛି ।

# ୧୧ରୁ ସମୂହ ଛୁଟିରେ ଯିବେ ରାଜସ୍ୱ ଅମଲା ସଂଘ



ପାରଳାଖେମୁଣ୍ଡି,୪।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ଅନୁସାରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୯ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କର ଆହେତୁକ ବିଳମ୍ବ ହେତୁ ଗଜପତି ଜିଲ୍ଲା ଶାଖା ରାଜସ୍ୱ ଅମଲା ସଂଘର ସଭାପତି ଯୁଧିଷ୍ଠିର ରଣସିଂହ ଓ ସାନ୍ତୁନୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ପ୍ରକାଶଥାଉ କି, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି । କିନ୍ତୁ, ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ୍ୟ ବର୍ତ୍ତମାନ ଯାଏ ଫଳ ଶୂନ୍ୟ ରହିଛି । ଏହି ପରିପ୍ରେକ୍ଷୀରେ, ରାଜ୍ୟ ସରକାର ଆସନ୍ତା ୧୦ ତାରିଖ ମଧ୍ୟରେ ଦାବି ପୂରଣ ନ କଲେ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୧୧ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି ଓ ସମ୍ପାଦକ କହିଛନ୍ତି । ଏହି ଅବସରରେ ସନ୍ତୋଷ ପାଣିଗ୍ରାହୀ, ଭୈରବ ପଟ୍ଟନାୟକ, ଶଶାଙ୍କ ଶତପଥୀ, ପ୍ରସାଦ ପାତ୍ର, ଈଶ୍ୱର ବେହେରା, ଦେବନ୍ଦ୍ର ପଟ୍ଟନାୟକ ଓ ରଘୁନାଥ ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଶିବ ପ୍ରସାଦ ପଣ୍ଡା ପରିଚାଳନା କରିଥିଲେ ।

# ସରକାରୀ ବାଳିକା ହାଇସ୍କୁଲରେ ବିଜ୍ଞାନ ଶିବିର

ଜି.ଉଦୟଗିରି,୪।୮ (ସମିସ): ଜି.ଉଦୟଗିରି ସରକାରୀ ବାଳିକା ବିଦ୍ୟାଳୟରେ ତିନି ଦିନିଆ ବିଜ୍ଞାନ ଶିବିର ଅନିଷ୍ଠିତ ହୋଇଥିଲା । ଶିକ୍ଷାନୁଷ୍ଠାନ ପ୍ରଧାନ ଶିକ୍ଷକ ମଳୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ ଯୋଗ ଦେଇ ବିଜ୍ଞାନ ପାଠ୍ୟକ୍ରମରୁ ବିଜ୍ଞାନ ପରୀକ୍ଷା କରି ଦେଖାଇଥିଲେ । ଛାତ୍ରୀମାନେ କିପରି ସହଜରେ ସବୁ ଦିନ ପାଇଁ ମନେ ରଖିପାରିବେ ନିଜେ ପ୍ରସ୍ତୁତ କରିଥିବା ବିଭିନ୍ନ ବିଜ୍ଞାନ ଉପକରଣ ସାହାଯ୍ୟରେ ବିଜ୍ଞାନ ପରୀକ୍ଷା କରି ଦେଖାଇଥିଲେ । ଶିବିରରେ ଅଷ୍ଟମ, ନବମ, ଦଶମ ଶ୍ରେଣୀର ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ ।



# ଶତାଧିକ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ପାରଳାଖେମଣ୍ଡି, ୪।୮ (ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ



ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଶୁଣାଣିରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀ, ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଶଙ୍କର କେର୍କେଟା ଅଭିଯୋଗ ଯୋଗ ଦେଇଥିଲେ । ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଲକଇଠା, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ୧୧୬ଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୯୭ ଓ ଗ୍ରାମଭିତ୍ତିକ ସମସ୍ୟା ୧୯ଟି ଥିଲା । ୯ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ରହିଥିଲା । ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମହମ୍ମଦ ମୁବାରକ୍ ଆଲ୍ଲୀ, ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଓ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ ।

# ନୂତନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି



ଟିକାବାଲି,୪।୮ (ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ପଞ୍ଚାୟତ ସମିତି ସଭା ଗୃହରେ ଆଜି ଜିଲ୍ଲାପାଳ ବେଦ ଭୂଷଣଙ୍କ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦି, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରିସ୍ ବିଶି, ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତି ଦାସ୍, ବାଲିଗୁଡ଼ା ପ୍ରକଳ୍ପ ପ୍ରଶାସନ ସମନ୍ୱିତ ଆଦିବାସୀ ଉନ୍ନୟନ ପରିଷଦ କୃପାସିନ୍ଧୁ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଅକ୍ଷୟ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଦିକ୍ଷୀତ, ଜି.ଉଦୟଗିରି ଏସ୍‌ଡିପିଓ ବିଜୟ କୁମାର ବିଶି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣି ନାୟକ, ଜିଲ୍ଲା ପରିଷଦ ସଭ୍ୟା ନମିତା କହଁର ଯୋଗ ଦେଇଥିଲେ । ବିଭିନ୍ନ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଜନସାଧାରଣଙ୍କ ସାମୂହିକ ଓ ବ୍ୟକ୍ତିଗତ ସମସ୍ୟା ଉପରେ ଏକ ସାର୍ବଜାନିନ ଅଭିଯୋଗ ଶୁଣାଣି ହୋଇଥିଲା । ଶୁଣାଣିରେ ୧୧ ପଞ୍ଚାୟତର ଲୋକେ ରାସନକାର୍ଡ, ପିଇବା ପାଣି, ଭତ୍ତା, ରାସ୍ତା, ଆବାସଗୃହ, ଏଭଳି ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ ଶୁଣିବା ସହିତ ସମସ୍ୟାର ସମାଧାନ ପାଇଁ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶୁଣାଣିରେ ୪୭ ଅଭିଯୋଗ ଆସିଥିବା ବେଳେ ସେଥିରେ ୧୨ ସାମୂହିକ ସମସ୍ୟା ଓ ୩୫ ବ୍ୟକ୍ତିଗତ ସମସ୍ୟା ରହିଥିଲା । ଶୁଣାଣି ପରେ ଜିଲ୍ଲା ଟିକାବାଲି ବ୍ଲକ କଟିମାହା ପଞ୍ଚାୟତର ବିଭିନ୍ନ କୃଷି ପ୍ରକଳ୍ପ ପରିଦର୍ଶନ କରିଥିଲେ ।



# ବିଭିନ୍ନ ସ୍କୁଲରେ ଯୌନ ଉତ୍ପୀଡ଼ନ ସଚେତନତା

ଦାରିଙ୍ଗବାଡି,୪।୮ (ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରେ ସୋମବାର ଯୌନ ଉତ୍ପୀଡ଼ନ ସମ୍ପର୍କରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଉମେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଝିଞ୍ଜିରୀଗୁଡା ପଞ୍ଚାୟତର ଉଲିପଦର ସେବାଶ୍ରମ ସମେତ ଦାରିଙ୍ଗବାଡିର ବାଳିକା ଉଚ୍ଚ ବିଦ୍ୟାଳୟ ଓ ଗ୍ରୀନବାଡିରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଲ୍ୟ ବିବାହ, ବାଲ୍ୟ ଶ୍ରମିକ ରୋକିବା ସହ ଯୌନ ଉତ୍ପୀଡ଼ନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ନିରୋଧ ଓ ବାଲ୍ୟ ଶ୍ରମିକ ପାଇଁ କଣ ଆଇନ ରହିଛି ସେ ସମ୍ପର୍କରେ ଅଧିକାରୀ ବକ୍ତବ୍ୟରେ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ । ସେହିଭଳି ଯୌନ ନିର୍ଯାତନା ଏବଂ କିଭଳି ଆଇନର ଆଶ୍ରୟ ନେବେ, ସାଇବର କ୍ରାଇମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି । ବାଲିଗୁଡା ଏସଡିପିଓ ରମେନ୍ଦ୍ର ପ୍ରସାଦଙ୍କ ତତ୍ତ୍ୱାବଧାନରେ କନ୍ଧମାଳ



ଏସପିଙ୍କ କାର୍ଯ୍ୟାଳୟରୁ ମହିଳା ଇନ୍ସପେକ୍ଟର ଦୀପିକା ରାୟ, ଗେଲି କୁମାରୀ ସାହୁ, ଶାନ୍ତିମୈତ୍ରୀ ସ୍ୱେଚ୍ଛାସେବୀ ସମ୍ପାଦକ ଭଗବାନ ଜେନା, ଦାରିଙ୍ଗବାଡି ସବଇନ୍ସପେକ୍ଟର ଜୟନ୍ତ କୁମାର ସେଠୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି ସଚେତନ କରିଥିଲେ । ବ୍ରାହ୍ମଣୀଗାଁ ଉଲିପଦର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦନ ମୋହନ ବେହେରା , ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ଜେନା ଏବଂ ଗ୍ରୀନବାଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ବେହେରା ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମ ପାଇଁ ନିଜ ନିଜ ସ୍କୁଲରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ଅସ୍ମିତା ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଗଜପତି ଛାତ୍ରୀଙ୍କ ସଫଳତା

ପାରଳାଖେମୁଣ୍ଡି,୪।୮ (ସମିସ): କେନ୍ଦ୍ର ସରକାରଙ୍କ ଖେଲୋ ଇଣ୍ଡିଆ ଆନୁକୂଲ୍ୟରେ ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନର ଆୟୋଜନରେ ଭଦ୍ରକ ସ୍ଥିତ ବିଜୁପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଦୁଇଦିନିଆ ରାଜ୍ୟସ୍ତରୀୟ ଅସ୍ମିତା ଟାଏକ୍ୱୋଣ୍ଡୋ ଲିଗ୍ ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗିତାରେ ଗଜପତି ଜିଲ୍ଲା ତାଏକ୍ୱୋଣ୍ଡୋ ଅନୁଷ୍ଠାନର ଛାତ୍ରୀ ଭାଗନେଇ ସଫଳତା ହାସଲ କରିଥିଲେ । ରାଜ୍ୟର ସମୁଦାୟ ୨୫୦ ବାଳିକା ଏଥିରେ ଅଂଶଗ୍ରହଣ କରିଥିଲେ । ଗଜପତି ଜିଲ୍ଲା ଟାଏକ୍ୱୋଣ୍ଡୋ ଅନୁଷ୍ଠାନରୁ ୪ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ମୁଖ୍ୟତଃ କ୍ୟୁରୋଗି ଓ ପୁମ୍‌ସେ



ଦୁଇଟି ବିଭାଗରେ ହୋଇଥିଲା । ବର୍ଷିତା ଦାସ ଉଭୟ ବିଭାଗରେ ଭାଗନେଇ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଥିବା ବେଳେ ପି.ସାଇସ୍ମିତା ଏବଂ ଅନୁଷ୍କା ଅନହିତା ସାହୁ ଗ୍ୟୁରୋଗିରେ ରୌପ୍ୟ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଗଜପତି ଜିଲ୍ଲା ଟାଏକ୍ୱୋଣ୍ଡୋ ଏକାଡେମୀ ସମ୍ପାଦକ କାର୍ତ୍ତିକଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଏପରି ସଫଳତା ହାସଲ କରିଥିବାକୁ ନେଇ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି ।

● ଆନ୍ଧ୍ରପ୍ରଦେଶ ପଥର ଖାଦାନରେ ବିସ୍ଫୋରଣ

# ଅଲେରା ଗାଁରେ ପହଞ୍ଚିଲା ୨ ଶ୍ରମିକଙ୍କ ମୃତଦେହ

ମୋହନା,୪।୮ (ସମିସ): ରବିବାର ଆନ୍ଧ୍ର ପ୍ରଦେଶ ବାପତଲା ଜିଲ୍ଲା ବଲିକରବା ଗାଁରେ ଥିବା ସତ୍ୟ ସାଇକ୍ରିଷ୍ଣା ଗ୍ରାନାଇଟ କ୍ୱାରିରେ ବିସ୍ଫୋରଣ ହୋଇ ୬ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ସେମାନଙ୍କ ମଧ୍ୟରୁ ଗଜପତି ଜିଲ୍ଲା ମୋହନା ଥାନା ଢେପାଗୁଡା ପଞ୍ଚାୟତ ଅଲେରାଗାଁର ୨ ଜଣ ଶ୍ରମିକ ଥିବାବେଳେ ଗଞ୍ଜାମ ଦିଗପହଣ୍ଡି ଓ ଧରାକୋଟ ଅଞ୍ଚଳର ୪ ଜଣ ଶ୍ରମିକ ଅଛନ୍ତି । ଗତକାଲି ରାତିରେ ୬ ଜଣଙ୍କ ମୃତଦେହ ଆଣିବାକୁ ଗଞ୍ଜାମ ଓ ଗଜପତି ଜିଲ୍ଲାର ପ୍ରଶାସନିକ ଅଧିକାରୀ ଆନ୍ଧ୍ରପଦେଶ ଯାଇଥିଲେ । ଆଜି ମଧ୍ୟାହ୍ନରେ ୬ ଜଣଙ୍କ ମୃତଦେହ ଦିଗପହଣ୍ଡିରେ ପହଞ୍ଚିଥିଲା । ସେଠାରେ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ମୋହନା ଅଲେରାଗାଁର ୨ ଶ୍ରମିକ ଭାସ୍କର ବିଷୋୟୀ ଓ ଟୁକୁନା ଦଳାଇଙ୍କ ମୃତଦେହ ଗ୍ରହଣ କରାଯାଇଥିଲା । ଏହାପରେ ଅପରାହ୍ନ ୨ ଟାରେ ଅଲେରା ଗାଁରେ ପହଞ୍ଚିଥିଲା ମୃତଦେହ । ଆନ୍ଧ୍ର ପ୍ରଦେଶ କମ୍ପାନୀ ଦ୍ୱାରା ଘୋଷଣା ହୋଇଥିବା ୧୪ ଲକ୍ଷ ଟଙ୍କାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ଯାହାଫଳରେ ପ୍ରାୟ ୧ ଘଣ୍ଟା ଧରି ମୃତଦେହ ଓହ୍ଲାଇନଥିଲେ ଗ୍ରାମବାସୀ । ତେବେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଜେନା ଓ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଅଲେରା ଗାଁରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ଏହାପରେ ଲୋକେ ମୃତଦେହ ଓହ୍ଲାଇଥିଲେ । ମୃତଦେହ ଗାଡିରୁ ଓହ୍ଲାଇବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । କାନ୍ଦ ବୋବାଳିରେ ଫାଟି ପଡିଥିଲା ଗାଁ । ଏହାପରେ ଗାଁ ଶ୍ମଶାନରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା ।

# ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ପାରଳାଖେମୁଣ୍ଡି,୪।୮ (ସମିସ): ପାରଳାଖେମୁଣ୍ଡି ରାମନଗର ନିକଟସ୍ଥ ଗଣେଶନଗର ବଂଶୀଧର ଦଳାଇଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରିଛନ୍ତି । ୧୫ଭରି ସୁନା ଓ ୧୦ ଭରି ରୁପା ଏବଂ ନଗଦ ୬୦ ହଜାର ଟଙ୍କା ତାଙ୍କ ଆଲମିରାରେ ରଖିଥିଲେ ଏବଂ ଏସବୁ ଚୋରି ହୋଇଛି ବୋଲି ବଂଶୀଧର କହିଛନ୍ତି । ରାମନଗର ଓ ଗଣେଶନଗର ଜନଗହଳି ଅଞ୍ଚଳ ହୋଇଥିଲେ ହେଁ ଦୁର୍ବୃତ୍ତ ଘରେ ତାଲା ଭାଙ୍ଗି ନେଇଥିବାରୁ ଲୋକେ ଭୟଭୀତ ହୋଇପଡିଛନ୍ତି । ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରୁଛି ।

● ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ

# ଛାତ୍ରୀନିବାସ ନିର୍ମାଣ ଦାବି

ଜି.ଉଦୟଗିରି,୪।୮ (ସମିସ): ଜି.ଉଦୟଗିରିରେ ୧୯୯୬ ମସିହାରେ ସ୍ଥାପିତ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ୨୦୧୦ରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଞ୍ଜୁରୀ ପାଇଥିଲା । ବର୍ତ୍ତମାନ ଏହି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ନିମନ୍ତେ ସମୁଦାୟ ୫୧୨ ଜଣ ଛାତ୍ରୀ ପାଠ ପଢୁଛନ୍ତି । କିନ୍ତୁ ଏଠାରେ ଛାତ୍ରୀ ନିବାସ ନଥିବା ଯୋଗୁ ବହୁ ଦୂରଦୂରାନ୍ତରୁ ଆସି ଗରିବ ଛାତ୍ରୀ ବାହାରେ ଘର ଉଡ଼ା ନେଇ ପାଠ ପଢୁଥିବା ବେଳେ ଆର୍ଥିକ ଅଭାବ ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି ଦ୍ୱିତୀୟ ବର୍ଷର କିଛି ଛାତ୍ରୀ । ଛାତ୍ରୀ ନିବାସ ନିର୍ମାଣ କରାଗଲେ ଗରିବ ଛାତ୍ରୀ ଉପକୃତ ହୋଇପାରିବେ ବୋଲି ଅଭିଭାବକ ଓ ଛାତ୍ରୀ କହିଛନ୍ତି । କିଛି ଅଭିଭାବକ ଶୀଘ୍ର ଛାତ୍ରୀନିବାସ ନିର୍ମାଣ ପାଇଁ ଅଧ୍ୟକ୍ଷ ଶିବରାମ ସାହୁଙ୍କ ସହ ଆଲୋଚନା କରିଥିବା ବେଳେ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅଭିଭାବକ ଓ ଛାତ୍ରୀଙ୍କ ଦାବି ନେଇ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯିବ ବୋଲି ଅଧ୍ୟକ୍ଷ କହିଛନ୍ତି । ସ୍ଥାନୀୟ ଅଞ୍ଚଳର ଛାତ୍ରୀଙ୍କ ପାଠ ପଢ଼ା ପାଇଁ ସୁବ୍ୟବସ୍ଥିତ ଛାତ୍ରୀନିବାସ ନିର୍ମାଣ ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଶିଶିର ପଟ୍ଟନାୟକ ଓ ପୂର୍ବତନ ସମ୍ପାଦକ କେ ସୂର୍ଯ୍ୟନାରାୟଣ ପାତ୍ର ଦାବି କରିଛନ୍ତି ।



# ଶିକୁଳିରେ ବନ୍ଧା ଯୁବତୀଙ୍କ ଜୀବନ

ପାରଳାଖେମୁଣ୍ଡି,୪।୮ (ସମିସ)

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଜନ ଅଭିଯୋଗ ଶୁଣାଣି ଅବସରରେ ୧୮ ବର୍ଷର ଜଣେ ଝିଅ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାହାଚ ଡେଇଁ ଡେଇଁ ଚଢୁଥଲା । ଝିଅର ଗୋଡ଼ରେ ଶିକୁଳି ପଡ଼ିଥିବା ଦେଖାଯାଇଥିଲା । ଝିଅଟି ମା' ତେଲସାନି ଭୂୟାଁ ଓ ବାପା ପାଉଲ ଭୂୟାଙ୍କ ସମେତ ମାମୁ ମାଇଁ ସହ ଆସିଥିଲା । ଯୁବତୀ ଜଣକ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ତରଙ୍ଗଡା ପଞ୍ଚାୟତର ବାଡାବାଡା ଗ୍ରାମର ଜ୍ୟୋତିମା ଭୂୟାଁ ।

ସରକାରୀ ସାହାଯ୍ୟ ପାଇଁ ଆଜି ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସିଥିଲା । କିନ୍ତୁ ସେତେବେଳକୁ ଅଭିଯୋଗ ଶୁଣାଣି ଶେଷ ହୋଇଯାଇଥିଲା । ଠିକ୍ ସେହି ସମୟରେ ଅସହାୟଙ୍କୁ ଭଗବାନ ସାହା ଭଳି କିଛି ଗଣମାଧ୍ୟମ ପ୍ରତିନିଧିଙ୍କ ନଜର ଜ୍ୟୋତିମାଙ୍କ ଉପରେ ପଡିଥିଲା । ପଚରା ଉଚରା କରିବାରୁ ଜଣାପଡିଲା ଜ୍ୟୋତିମା ୨୦୦୭ରେ ଜନ୍ମ



ଏବଂ ସପ୍ତମ ଶ୍ରେଣୀ ପାଠ ପଢୁଥିବା ବେଳେ ପ୍ରବଳ ପେଟ ବ୍ୟଥାରେ ପୀଡିତ ହୋଇଥିଲା । ପରେ ସେ ଜଣେ ମାନସିକ ରୋଗୀ ପାଲଟିଗଲା । ମାନସିକ ରୋଗରେ ପୀଡ଼ିତ ହେବା ପରେ ଜ୍ୟୋତିମା ଦ୍ରୁତଗତିରେ ଦୌଡ଼ିବା, କାହାର ହାତକୁ ଧରାଦେଉନଥିବା, ନିଜେ କ୍ଲାନ୍ତ ଅନୁଭବ କରୁନଥିବା ଭଳି ଲକ୍ଷଣ ଦେଖାଗଲା । ଏଥିପାଇଁ ସବୁବେଳେ ତାଙ୍କ ଦୁଇ ଗୋଡରେ ପରିବାରବର୍ଗ ଶିକୁଳି ତାଲା ଲଗାଇ ରଖୁଥିବା ସ୍ୱୀକାର କରିଛନ୍ତି । ଆଉ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବିନା କ୍ଲାନ୍ତରେ ପାହାଚକୁ ପାହାଚ ଡେଇଁ ଯାଉଥିଲା । ବାପା ପାଉଲ ଭୂୟାଁ ଓ ମା' ତେସଲାନି ଭୂୟାଁଙ୍କ ଝିଅ ଜ୍ୟୋତିମା ପାଞ୍ଚବର୍ଷ ହେବ ମାନସିକ ରୋଗରେ ପୀଡିତ । ତାଙ୍କ ଚିକିତ୍ସା ପାଇଁ

## ସହାୟତା ଅପେକ୍ଷାରେ ଜ୍ୟୋତିମା

ବାପା ମା ବିଶାଖାପାଟଣା ଚିକିତ୍ସା କରାଉଛନ୍ତି । ଏଥିପାଇଁ ସେମାନଙ୍କ ସମସ୍ତ ସମ୍ପତ୍ତି ଶେଷ ହୋଇଯାଇଛି । କିନ୍ତୁ ବର୍ତ୍ତମାନ ଆଉ ଆର୍ଥିକ ବୋଝ ସହିପାରୁ ନଥିବା କହିଛନ୍ତି । ଜ୍ୟେତିମାଙ୍କ ଏପରି ଅବସ୍ଥାରେ ଛାଡି କାମ କରିବାକୁ ମଧ୍ୟ ଯାଇପାରୁ ନ ଥିବା ପ୍ରକାଶ କରିଛନ୍ତି । ସହାୟତା ପାଇଁ ସେମାନେ ପ୍ରଶାସନ ନିକଟରେ ଗୁହାରି କରିବା ପାଇଁ ଆସିଥିବା ଜଣାଇଛନ୍ତି । ସରକାର ବା ପ୍ରଶାସନ ସହାୟତା କଲେ ଜ୍ୟୋତିମାଙ୍କ ଚିକିତ୍ସା ହୋଇପାରିବ ବୋଲି ଅଶ୍ରୁଭରା ନୟନରେ ପାଉଲ ଓ ତେଲସାନି କହିଛନ୍ତି ।

# ସ୍କୁଲ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲା ପରିଚାଳନା କମିଟି

ଛତ୍ରପୁର, ୪।୮(ସମିସ): ଛତ୍ରପୁର ସହରରେ ଥିବା ବହୁ ପୁରାତନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ସୋମବାର ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏକ ଦାବିପତ୍ର ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ପ୍ରଦାନ କରାଯାଇଛି। ଏହି ବିଦ୍ୟାଳୟଟି ବହୁ ପୁରାତନ ଓ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ବିଦ୍ୟାର୍ଥୀ ମାନଙ୍କ ସହ ମିଶି ବୈଠକ କରିବା ପାଇଁ କମ୍ୟୁନିଟି ଓ ଡାଇନିଂ ହଲ୍, ପ୍ରତିଦିନ ସୁରକ୍ଷିତ ଭାବେ ଛାତ୍ରଛାତ୍ରୀଙ୍କ ଖାଦ୍ୟ ଗ୍ରହଣ କରିବା ନିମନ୍ତେ ଉପଯୁକ୍ତ ସ୍ଥାନ ନାହିଁ। ମାଙ୍କଡ ଉପଦ୍ରବରୁ ରକ୍ଷା କରିବା, ହେଡ୍ ମାଷ୍ଟରଙ୍କ ଠାରୁ ଆରମ୍ଭ କରି ପିଅନ ପର୍ଯ୍ୟନ୍ତ ଖାଲି ପଡିଥିବା ବିଭିନ୍ନ ପଦପଦବୀକୁ ପୂରଣ କରିବା, ବିଦ୍ୟାଳୟର ୪ ଟି କ୍ୟାମ୍ପସ୍ ମଧ୍ୟରୁ ଗୋଟିଏ କ୍ୟାମ୍ପସ ପରିସରେ ଅନୁସୂଚିତ ଜନଜାତିର ଛାତ୍ରାଆବାସ ଚାଲିଛି। ଏବେ ସେଠାରେ କେଜିବିଭି ଛାତ୍ରା ଆବାସ ନିର୍ମାଣ କରିବା ନିମନ୍ତେ ନିର୍ଦ୍ଦେଶ ଅଛି ତାହା ଯୋଗୁଁ ବିଦ୍ୟାର୍ଥୀଙ୍କ ଭବିଷ୍ୟତ ପାଇଁ ଅସୁବିଧା ହେବ। ଏଣୁ ସେଠାରେ କେଜିବିଭି ଛାତ୍ରାବାସ ପରିବର୍ତ୍ତେ ଏକ ଖେଳ ପଡିଆ ନିର୍ମାଣ କରିବା ନିମନ୍ତେ ପରିଚାଳନା କମିଟି ପକ୍ଷରୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବନୋଜ କୁମାର ପାଣିଗ୍ରାହୀ, ଶତ୍ରୁଘନ ମହାଙ୍କୁଡ, ଜିତୁ ମହାରଣା ଓ ମଧୁସୂଦନ ସେନାପତିଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ

ରମ୍ଭା/ହୁମ୍ମା,(ସମିସ): ରମ୍ଭା ଥାନା ଅଞ୍ଚଳ ଜାତୀୟ ୧୬ ନମ୍ବର ରାଜପଥ ଗଣ୍ଡାପଲ୍ଲୀ ନିକଟ ସଡ଼କ ଦୁର୍ଘଟଣା ଘଟି ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳ କନ୍ଦାଖାଇ କଲେଜର ଯୁକ୍ତ ୩ ଭୌତିକ ବିଜ୍ଞାନ ଅନର୍ସର ଛାତ୍ରୀ ଅଙ୍କିତା ସେଠୀ। ସେ ସୋମବାର ଅପରାହ୍ନ ୪ରେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଆସୁଥିଲେ। ଏତିକିବେଳେ ଜାତୀୟ ୧୬ ନମ୍ବର ରାଜପଥ ଗଣ୍ଡାପଲ୍ଲୀ ନିକଟ ରମ୍ଭା ରାସ୍ତାରେ ବଡ଼ ହମ୍ପସ ଥିବାର ଜାଣି ପାରିନଥିଲେ। ଅଙ୍କିତାଙ୍କ ସ୍କୁଟିଟି ହମ୍ପସ ସହ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଅଙ୍କିତାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ରମ୍ଭା ଅଗ୍ନିଶମ ଓ ରମ୍ଭା ପୁଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୁଲିସ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମୃତ ଘୋଷଣା କରିଛନ୍ତି। ପୁଲିସ ଘଟଣାସ୍ଥଳରୁ ମୃତକଙ୍କ ସ୍କୁଟି ଓ କଲେଜ ଆଇଡ଼ି କାର୍ଡ ଜବତ କରିଛି। ପୁଲିସ ପକ୍ଷରୁ ମୃତକଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳି ପାରିନାହିଁ। ରାସ୍ତାରେ ବିରାଟ ହମ୍ପସ ନିର୍ମାଣ କରାଯାଇଛି। କିନ୍ତୁ ହମ୍ପସ ଥିବାର କୌଣସି ସଚେତନ ସଂକେତ ବୋଡର୍ ରଖା ଯାଇନାହିଁ। ସେଥିପାଇଁ ଉକ୍ତ ହମ୍ପସ ଯୋଗୁଁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି।

# ବଜ୍ରାପାତରେ ମହିଳା ମୃତ

ଦିଗପହଣ୍ଡି,୪।୮(ସମିସ): ସୋମବାର ଅପରାହ୍ନରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୋକର୍ଣ୍ଣପୁର ନିକଟରେ ବଜ୍ରପାତ ଘଟି ଜଣେ ମହିଳା ମୃତ୍ୟୁ ଘଟିଛି। ମହିଳାଙ୍କ ନାମ ଚିନାରି ଆରାମ୍ମା ପାତ୍ର (୫୨) ଏବଂ ତାଙ୍କ ଘର ଗୋକର୍ଣ୍ଣପୁର ଗ୍ରାମର ବଡସାହି ବୋଲି ଜଣାପଡିଛି। ସେ ଅନ୍ୟ ମହିଳାଙ୍କ ସହ ବିଲକୁ ତଳି ରୋଇବା ପାଇଁ ଯାଇଥିବା ବେଳେ ଅଚାନକ ବର୍ଷା ସହ ବିଜୁଳି ଏବଂ ଘଡଘଡି ମାରିଥିଲା। ବଜ୍ରାଘାତରେ ଆରାମ୍ମା ଘଟଣାସ୍ଥଳରେ ହିଁ ଟଳି ପଡିଥିଲେ। ଖବର ପାଇ ଗ୍ରାମବାସୀ ଆରାମ୍ମାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଦିଗପହଣ୍ଡି ପୁଲିସ ମେଡିକାଲରେ ପହଞ୍ଚି ଅପମୃତ୍ୟୁ ମାମଲା ୩୨/୨୫ ପ୍ରକାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ଜଣାପଡିଛି।

# ପୂର୍ତ୍ତ ବିଭାଗ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ରମ୍ଭା,୪।୮(ସମିସ): ରମ୍ଭା ପୂର୍ତ୍ତ ବିଭାଗରେ କାର୍ଯ୍ୟରତ ଡ୍ରାଇଭର ଖଗପତି ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନିର୍ବାହୀ ଯନ୍ତ୍ରୀ ଇଂ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡ୍ରାଇଭର ଖଗପତି ନାୟକଙ୍କ ସମେତ ରମ୍ଭା ଶାଖାର କନିଷ୍ଠ ଯନ୍ତ୍ରୀ ଇଂ ସତ୍ୟନାରାୟଣ ବିଷୋୟୀ, ଖଲ୍ଲିକୋଟ ଶାଖାର ସହକାରୀ ଯନ୍ତ୍ରୀ ଇଂ ସନ୍ତୋଷ କୁମାର ପରିଡ଼ା, ବ୍ରହ୍ମପୁର ବିଦ୍ୟୁତ୍ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ସୁଜନ ନାଥ, କ୍ୟାସିୟର ରଘୁନାଥ ମହାପାତ୍ର, ପଞ୍ଚାନନ ଖଟୁଆ, ବିଷ୍ଣୁ ଚରଣ ପଟ୍ଟନାୟକ, ଅରୁଣ କୁମାର ବାରିକ, ବିପିନ ବିହାରୀ ଗୌଡ, ବୁଲୁ ମହାରଣା, କିଶୋର ଘୋଷ, କାଶୀନାଥ ଗୌଡ, କଣ୍ଟ୍ରାକ୍ଟର କୃଷ୍ଣଚନ୍ଦ୍ର ନାୟକ, ନଟବର ରାଉତ, ଅରବିନ୍ଦ ପଣ୍ଡା, ଅଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ତାଙ୍କୁ କର୍ମଚାରୀଙ୍କ ତରଫରୁ ଉପଢୌକନ ଓ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଶିକ୍ଷାର ବିକଳ ଚିତ୍ର

# 'ଅ-ଆ...'ପଢ଼ିପାରୁନାହାନ୍ତି ପଞ୍ଚମ ଶ୍ରେଣୀ ପିଲା

ରାୟଗଡ,୪।୮(ସମିସ)






ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିବା ବେଳେ ଶିକ୍ଷକଙ୍କ ଅବହେଳା ନିଶାରେ ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଛି। ଏହା ଆଖିରେ ନଦେଖିଲେ ବିଶ୍ୱାସ କରି ହେବ ନାହିଁ। ସବୁଠୁ ଆଶ୍ଚର୍ଯ୍ୟ ଓ ଦୁର୍ଭାଗ୍ୟର ବିଷୟ ହେଉଛି ଏଠାରେ ରୋଷେୟା ଜଣକ ପିଲାଙ୍କୁ ପ୍ରାର୍ଥନା ବୋଲାଉଛନ୍ତି। ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀ ଓଡ଼ିଆ ବର୍ଣ୍ଣବୋଧର ଅ.. ଆ ପଢ଼ିପାରୁ ନଥିବା ବେଳେ ଅବିଭାବକ ଗାଁ ସ୍କୁଲ ଛାଡ଼ି ଅନ୍ୟ ବିଦ୍ୟାଳୟରେ ପିଲାଙ୍କୁ ପଢ଼ାଉଥିବା ଅଭିଯୋଗ ହୋଇଛି। ଏପରି ଦୃଶ୍ୟ ଦେଖିବାକୁ ମିଳୁଛି ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅଧିନ ଲୋବା ପଞ୍ଚାୟତର କେକେସିଂ ପ୍ରାଥମିକ ବିଦ୍ୟାଳୟରେ। ଉକ୍ତ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ସମେତ ଅଭିଭାବକ ଚିନ୍ତାରେ ରହିଛନ୍ତି। ଏନେଇ ବାରମ୍ବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରି ଏକାଧିକ ଥର ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କଲେ ମଧ କୌଣସି ସୁଫଳ ମିଳିଲା ନାହିଁ। ଏଣୁ ଉକ୍ତ ସମସ୍ୟାର ସମାଧାନ ତୁରନ୍ତ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରାଯିବ ବୋଲି ନାୟବ ସରପଞ୍ଚ ଦ୍ରୌପଦୀ ଭୂୟାଁ, ସୁନିତା ଭୂୟାଁ, ନବୀନ ଭୂୟାଁ, ଶିବାନନ୍ଦ ଭୂୟାଁ, କୃଷ୍ଣ ଚନ୍ଦ୍ର ଭୂୟାଁ, ଇଶ୍ୱର ମଣ୍ଡଳଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ସବୁଠୁ ମାତ୍ରାଧିକ ଶିକ୍ଷିତ ପଞ୍ଚାୟତ ଭାବରେ ପରିଚିତ ଲୋବା ପଞ୍ଚାୟତ। ଉକ୍ତ ପଞ୍ଚାୟତର ଲୋକ ପ୍ରଶାସନିକ ଅଧିକାରୀ, ଡାକ୍ତର, ଇଞ୍ଜିନିଅର,ଶିକ୍ଷକ, ପ୍ରଫେସର ଭଳି ବିଭିନ୍ନ ଚାକିରିରେ ନିୟୋଜିତ ରହି ଜିଲ୍ଲା ଓ ବ୍ଲକର ସୁନାମ ରଖିଥିବାବେଳେ ଉକ୍ତ ପଞ୍ଚାୟତରେ ଅବସ୍ଥିତ କେକେସିଂ ଗ୍ରାମ ପ୍ରାଥମିକ ବିଦ୍ୟାଳୟର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଏଠାରେ ଶିକ୍ଷାର ବିକଳ ଚିତ୍ର ସ୍ପଷ୍ଟ ବାରି ହୋଇପଡୁଛି। ଉକ୍ତ ଗ୍ରାମରେ ପ୍ରାୟ ୧୮୦ ପରିବାରର ପ୍ରାୟ ଛଅ ଶହରୁ ଅଧିକ ଲୋକେ ବସବାସ କରି ଆସୁଥିବା ବେଳେ ଏଠାରେ ଶିକ୍ଷାର ଉନ୍ନତି ପାଇଁ ୧୯୨୮ ମସିହାରେ ସ୍ଥାପିତ ହୋଇଛି ବିଦ୍ୟାଳୟ। ଏଥିରେ ଗ୍ରାମର ଜନସଂଖ୍ୟା ଓ ପିଲାସଂଖ୍ୟାକୁ ଦେଖି ୧୯୭୫ ମସିହାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରି ଆବଶ୍ୟକ ଶ୍ରେଣୀଗୃହ ଓ ଭିତ୍ତିଭୂମି ସ୍ଥାପନ କରାଯାଇଥିଲା। ହେଲେ ଶିକ୍ଷକଙ୍କ ଅବହେଳା ଓ ମନମାନି ଯୋଗୁଁ ଗ୍ରାମବାସୀ ପିଲାଙ୍କ ଭବିଷ୍ୟତ ଅନ୍ଧାର ହେବା ଆଶଙ୍କା କରି ଅନ୍ୟତ୍ର ନାମ ଲେଖାଇଛନ୍ତି। ଫଳରେ ପ୍ରଶାସନ ପିଲା ଅଭାବ କାରଣ ଦର୍ଶାଇ ଷଷ୍ଠରୁ ଅଷ୍ଟମ ଶ୍ରେଣୀକୁ ଉଠାଇ ଅନ୍ୟ ବିଦ୍ୟାଳୟ ସହ ମିଶ୍ରଣ କରିଦେଇଥିବା ଜଣାପଡ଼ିଛି। ବର୍ତ୍ତମାନ ବିଦ୍ୟାଳୟରେ ଛଅ ଶ୍ରେଣୀ ଗୃହ ଥିବାବେଳେ ପ୍ରାଥମିକ ବିଦ୍ୟାଳୟ ମାନ୍ୟତାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କେବଳ ୪୬ ଜଣ ଆଦିବାସୀ ଛାତ୍ରଛାତ୍ରୀ ରହିଛନ୍ତି। ଏଥିରେ ତିନିଜଣ ଶିକ୍ଷକ ନିୟୋଜିତ ରହିଛନ୍ତି। କିନ୍ତୁ ଗ୍ରାମବାସୀ କହିବା ଅନୁଯାଇ ପ୍ରଧାନଶିକ୍ଷକ ସନିଆ ଶବର ମାସରେ ଦିନେ ଦୁଇଦିନ ସ୍କୁଲକୁ ଦୁଇ ଘଣ୍ଟା ପାଇଁ ଆସି ପାଠ ନପଢାଇ ଫୋନ୍ ରେ ଗପି ଗପି ପଳାଉଥିବା ବେଳେ ଅନ୍ୟ ଶିକ୍ଷକ ନିୟମିତ ବିଦ୍ୟାଳୟକୁ ଆସୁ ନାହାନ୍ତି। ସେମାନେ ବିଳମ୍ବରେ ଆସି ଶୀଘ୍ର ଘରକୁ ଚାଲିଯାଉଛନ୍ତି। ମଧ୍ୟାହ୍ନଭୋଜନ କଥା ତ ନକହିଲେ ଭଲ। ଏଥିରେ ମେନୁ ଅନୁସାରେ ନକରି ଡାଲମା ପିଲାଙ୍କୁ ସାତ ସପନ ହୋଇଥିବା ବେଳେ ପାଣିଆ ଡାଲିରେ କାମ ଚଳିଯାଉଛି ବୋଲି ପିଲାଏ ଓ ଅବିଭାବକ ପ୍ରକାଶ କରିଛନ୍ତି। ଶିକ୍ଷକ ମାନଙ୍କ ଏପରି ଆଚରଣ ଦେଖି ପିଲାମାନେ ମଧ ଅମାନିଆ ହୋଇଗଲେଣି ବୋଲି ଅଭିଯୋଗ କଲେ ପ୍ରଧାନଶିକ୍ଷକ ପିଲାମାନଙ୍କୁ ମାଡ ମାରୁଛନ୍ତି ବୋଲି ଅବିଭାବକ କହି ପ୍ରଧାନଶିକ୍ଷକଙ୍କୁ ତୁରନ୍ତ ବଦଳି କରିବାକୁ ଦାବି କରିଛନ୍ତି ଏବଂ ବିଦ୍ୟାଳୟ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ନିୟୋଜିତ ସିଆରସିସି ମଧ ପରିଦର୍ଶନ ପାଇଁ କେବେ ଆସୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି।

ଏନେଇ ଗୋଷ୍ଠୀ ଶିକ୍ଷାଧିକାରୀ ଟି. କିଶୋର କୁମାରଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଗ୍ରାମବାସୀଙ୍କ ଅଭିଯୋଗକୁ ସ୍ୱୀକାର କରି ସେ ବିଦ୍ୟାଳୟ ରିଓପେନିଙ୍ଗ ଦିନ ହଠାତ ବିଦ୍ୟାଳୟ ପରିଦର୍ଶନ କରି ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ କରି ଦରମା ବନ୍ଦ କରିଛନ୍ତି। ତଥାପି ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

- ଗାଁ ସ୍କୁଲ ଛାଡ଼ି ଅନ୍ୟ ବିଦ୍ୟାଳୟରେ ପଢୁଛନ୍ତି
- ପିଲାଙ୍କୁ ପ୍ରାର୍ଥନା ବୋଲାଉଛନ୍ତି ରୋଷେୟା

# ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା; ସୁଶାନ୍ତ ଚାମ୍ପିଅନ୍

କବିସୂର୍ଯ୍ୟନଗର,୪।୮(ସମିସ): ଫ୍ରେଣ୍ଡସିପ ଡେରେ କବିସୂର୍ଯ୍ୟନଗର ଗାୟତ୍ରୀ ଇନ୍ଷ୍ଟିଚ୍ୟୁଟ ସ୍ଥିତ କୁଇନ୍ସ ଚେସ ସେଣ୍ଟରରେ ଜିଲ୍ଲାସ୍ତରୀୟ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ମୋଟ ସାତ ରାଉଣ୍ଡ ଖେଳ ଅନୁଷ୍ଠିତ ହେବାସହ ମୋଟ ପ୍ରତିଯୋଗୀ ୮୦ ଜଣ ଅଂଶଗ୍ରହଣ କରିଥିଲେ। ବ୍ରହ୍ମପୁରର ସୁଶାନ୍ତ କୁମାର ସାହୁ ଚମ୍ପିୟାନ ଟ୍ରଫି ହାସଲ କରିଥିଲେ। ରନର ଭାବେ ପ୍ରତୀକ କୁମାର ବେହେରା, ତୃତୀୟ ସ୍ଥାନରେ ଏସ. ଏସ. ଶ୍ରୀନିବାସ ରାଓ, ଚତୁର୍ଥ ସ୍ଥାନରେ ଅଭୟ ଚନ୍ଦ୍ର ତ୍ରିପାଠୀ ଓ ପଞ୍ଚମ ସ୍ଥାନରେ ପୂର୍ଣଚନ୍ଦ୍ର ପାତ୍ର ମାନପତ୍ର, ଟ୍ରଫି ଓ ଆର୍ଥିକ ପ୍ରଦାନ କରାଯାଇଥିଲା। ଲୋକାଲ ପୁରସ୍କାର ଭାବେ ଶ୍ରେଷ୍ଠ ମନୋଜ କୁମାର ବାରିକ, ରନର ଭାବେ ସୁରେଶ ମାଧବ କର, ବାଳକ ବୟସ ବର୍ଗରେ - ୯ ବର୍ଷ ବର୍ଗରେ ପ୍ରଥମ ଭାବେ ପ୍ରିୟାଂଶୁ ଚୌଧୁରୀ ଓ ଦ୍ୱିତୀୟରେ ତାତ୍ତ୍ୱିକ କୁମାର ବେହେରା, ୧୧ ବର୍ଷ ବର୍ଗରେ କୌସ୍ତୁଭ ଦାସ ଓ ଏଡ଼ଭିକ ଅଗୱାଲ, ୧୩ ବର୍ଷ ବର୍ଗରେ ଆତିସ କୁମାର ପାଢ଼ୀ ଓ ଦିବ୍ୟାଂଶୁ ନାୟକ, ୧୫ ବର୍ଷ ବର୍ଗରେ ଅଂଶୁମାନ ମହାନ୍ତି ଓ ଜୟେସ ପାତ୍ର ଏବଂ ବାଳିକା ବର୍ଗରେ ୯ ବର୍ଷରେ ପ୍ରଥମ ଜ୍ୟୋର୍ତ୍ତିମୟୀ ଶତପଥୀ ଓ ଦ୍ୱିତୀୟରେ କୀର୍ତ୍ତିମୟୀ ଶତପଥୀ, ୧୧ ବର୍ଷ ବର୍ଗରେ ଶୈଳଜା ଚର୍ଚ୍ଚି ଓ ସଂଶିତା ସାହୁ, ୧୩ ବର୍ଷ ବର୍ଗରେ ଅନୁଶ୍ରୀ ପାଢ଼ୀ ଓ ସିନ୍ଧୁଜା ଚର୍ଚ୍ଚି, ୧୫ ବର୍ଷ ବର୍ଗରେ ପ୍ରତ୍ୟୁଷାରାଣୀ କର ଓ ଅମ୍ରିତା ରେଡି ସଫଳ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କେ. ପୁରୁଷୋତ୍ତମ, ପ୍ରତିଯୋଗିତାଦର ନିର୍ଦ୍ଦେଶକ କେ.କେ ଶର୍ମା, ପରିଚାଳକ ବିନାୟକ ରଥ, ଚେସ ସଭାପତି ପ୍ରଭାସ ଚନ୍ଦ୍ର ନାହାକ, ଲାୟନ୍ସ କ୍ଲବ ସଭାପତି କୃପାସିନ୍ଧୁ ସ୍ୱାଇଁ, ଗାୟତ୍ରୀ ଇନ୍ଷ୍ଟିଚ୍ୟୁଟ ନିର୍ଦ୍ଦେଶିକା ଗାୟତ୍ରୀ କର ମଞ୍ଚାସୀନ ଅତିଥି ସଫଳ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନୀଳାଞ୍ଚଳ ବାରିକ, ଅଜୟ କୁମାର ଜେନା, ଶଶାଙ୍କ ଶେଖର ସାହୁ, ଜ୍ଞାନରଞ୍ଜନ ରଥ ସହଯୋଗ କରିଥିଲେ।




# ହାତୀ ଆକ୍ରମଣରେ ୨ ଗାଈ ଆହତ, ବର୍ତ୍ତିଗଲେ ମହିଳା

ଜି.ଉଦୟଗିରି,୪।୮(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବଢିବାରେ ଲାଗିଛି। ଗତକାଲି ସନ୍ଧ୍ୟାରେ ବନ କର୍ମଚାରୀଙ୍କ ଉପସ୍ଥିତିରେ କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ ରାଇପଦା ନିକଟରେ ବନ୍ଧା ହୋଇଥିବା ଗାଈକୁ ମାରିବା ପରେ ସୁରାଦେଇ ଗ୍ରାମ ଜଙ୍ଗଲକୁ ପଳାଇ ଯାଇଥିଲା। ଗ୍ରାମରେ ଜପୁଣି ଦୁଇ ଗାଈ ଆଘାତ କରିଥିବା ଜଣାପଡିଛି। ସୁଜେଲି ଗ୍ରାମର ଆରପାରିରେ ସୂରାଦେଇ ଅଞ୍ଚଳ ରହିଥିବା ବେଳେ ସନ୍ଧ୍ୟା ୬ ଟା ସମୟରେ ହାତୀ ପ୍ରପାଞ୍ଜିଳ ନାୟକଙ୍କ ଗୁହାଳ ଘରେ ପଶି ଗାଈକୁ ଆକ୍ରମଣ କରି ଆହତ କରିଥିଲା। ସୂଚନା ଅନୁସାରେ ପ୍ରପାଞ୍ଜିଳ ନାୟକ ଘରେ ଦୁଇଟି ଗାଈ ଗୁହାଳରେ ବାନ୍ଧି ରଖିଥିଲେ। ସେହି ସମୟରେ ଗୋଟିଏ ଘର ଠାରୁ ଅନ୍ୟ ଏକ ଘରକୁ ଯିବା ପାଇଁ ପ୍ରପାଞ୍ଜିଳଙ୍କ ବୋହୂ ଝିଲିମା ପ୍ରଧାନ ବାହାରିଥିବା ବେଳେ ହାତୀ ସାମ୍ନାରେ ପଡ଼ିଯାଇଥିଲେ। ସେ ପ୍ରାଣ ବିକଳରେ ଦୌଡ଼ି ଅନ୍ୟ ଘରକୁ ଯାଇ କବାଟ ବନ୍ଦ କରି ଝରକା ଦେଇ ହାତୀର ଉପଦ୍ରବ ଦେଖିଥିଲେ। ହାତୀଆକ୍ରମଣରେ ଦୁଇ ଗାଈ ଗୁରୁତର ହୋଇଛନ୍ତି। ପୁଣି ଆଜି ପୀଡିକାମାହାରେ ହାତୀ ଦେଖାଦେବା ଫଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ଲୋକଙ୍କୁ ସଚେତନ କରିବା ସହ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦେଇଛନ୍ତି।



# ଆୟୁର୍ବେଦ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

ଛତ୍ରପୁର,୪।୮(ସମିସ): ଛତ୍ରପୁର ଏନଏସି ଅନ୍ତର୍ଗତ ୱାର୍ଡନଂ ୮ କୋର୍ଟ ଷ୍ଟେସନ ସାହି କୋଠଘର ଶ୍ରୀଭେଙ୍କଟ ମହାଲକ୍ଷ୍ମୀ ନିଳୟମ୍‌ରେ ଯୁବ ଜ୍ୟୋତିଷୀ ଦୀପକ କୁମାର ଦାଶ ଓ ବ୍ରହ୍ମପୁର ଆୟୁର୍ବେଦ ଡ଼ାକ୍ତର ସୁଧୀର କୁମାର ସାହୁଙ୍କ ମିଳିତ ଉଦ୍ୟମରେ ଜ୍ୟୋତିଷୀ ଦୀପକ କୁମାର ଦାଶଙ୍କ ମାତା ସବିତା ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଆୟୁର୍ବେଦ ଚିକିତ୍ସା ସେବା ଅନୁଷ୍ଠାନ ସବିତା ଆରୋଗ୍ୟ କୁଟୀର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଭାଗବତ ଭାସ୍କର ପଣ୍ଡିତ, ଜଗନ୍ନାଥ ପଣ୍ଡା, ତରୁଣ ସନ୍ୟାସୀ ସ୍ୱାମୀ ସନ୍ନୀଷ୍ଠାନନ୍ଦ ସରସ୍ୱତୀ, ବଦ୍ରିକା ଆଶ୍ରମ ହିମାଳୟ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ ପାଢ଼ୀ, ପ୍ରେସ୍ କ୍ଲବ୍‌ର ସଭାପତି ରବୀନ୍ଦ୍ର ପଣ୍ଡା, ଶଙ୍କର ଚକ୍ଷୁ ଚିକିତ୍ସାଳୟର ଆଇନ ପରାମର୍ଶଦାତା ଓ ଲୋକ ସମ୍ପର୍କ ଅଧିକାରୀ ବି. ଶ୍ରୀନିବାସ, ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ଡ଼ାକ୍ତର ସୁଧୀର କୁମାର ସାହୁ, ବେଦପାଠୀ ପଣ୍ଡିତ ସୁମନ ପଣ୍ଡା ଓ ମନୋରଞ୍ଜନ ଦାଶ, ସବିତା ଆରୋଗ୍ୟ କୁଟୀରର ମୁଖ୍ୟ ପୃଷ୍ଠପୋଷାକ ପ୍ରମୋଦ କୁମାର ଦାଶ, ଗୋବିନ୍ଦ ଚନ୍ଦ୍ର ଦାଶ, ଗୁପ୍ତ ପ୍ରସାଦ ପଣ୍ଡା, ମା' ରାମଚଣ୍ଡୀ ଶକ୍ତିପୀଠର ସଂଯୋଜକ କମଳ ପଣ୍ଡା, ସହ ସଂଯୋଜକ ତୁଷାର ଶତପଥୀ, ସମ୍ମାଜସେବୀ ଅଟଳ ପଟ୍ଟନାୟକ, ପ୍ରଫୁଲ୍ଲ ମହାରଣା, ରାମଚଣ୍ଡୀ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କମଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# ବେଆଇନ ଇଟାଭାଟିରେ ବୁଲିଲା ବୁଲଡୋଜର

ଖଲ୍ଲିକୋଟ,୪।୮(ସମିସ): ଖଲ୍ଲିକୋଟ ତହସିଲ ଅନ୍ତର୍ଗତ ଦାନପୁରରେ ଆଜି ବେଆଇନ ଇଟା ଭାଟି ଭାଙ୍ଗିଛନ୍ତି ତହସିଲଦାର। ଖଲ୍ଲିକୋଟ ଅଞ୍ଚଳରେ ମାଳମାଳ ବେଆଇନ ପୋଡ଼ା ଇଟା ଭାଟି ଚାଲୁଥିବା ନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ସୋମବାର ତହସିଲ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଖଲ୍ଲିକୋଟ ତହସିଲ ଅନ୍ତର୍ଗତ ଦାନପୁର ଗ୍ରାମର ସଞ୍ଜୟ ସାହୁ ଗାଁ ନିକଟରେ ବେଆଇନ ଭାବେ ଦୀର୍ଘ ଦିନ ହେଲା ପୋଡା ଇଟା ଭାଟି ଚଳାଇ ଆସୁଥିଲେ। ଯାହା ଫଳରେ ଗାଁ ଲୋକ ଏନେଇ ତହସିଲ ଅଫିସ ଓ ଖଣି ବିଭାଗକୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ଖଣି ଅଧିକାରୀ, ଶ୍ରମ ଅଧିକାରୀ ସମେତ ଖଲ୍ଲିକୋଟ ତହସିଲଦାର ଡି. ମାଲେଶ୍ୱର ପାତ୍ର ଆଜି ଚଢ଼ଉ କରି ଜେସିବି ସାହାଯ୍ୟରେ ବେଆଇନ ପୋଡ଼ା ଇଟା ଭାଟିକୁ ଭାଙ୍ଗିଥିଲେ। ଆନୁମାନିକ ଏକ ଲକ୍ଷ ଇଟା ଭଙ୍ଗା ଯାଇଥିବା ତହସିଲଦାର ଡି.ମାଲେଶ୍ୱର ପାତ୍ର ସୂଚନା ଦେଇଛନ୍ତି।

# ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହେଲେ ଡାକ୍ତରବାଞ୍ଜିରି ଗ୍ରାମବାସୀ



ପାରଳାଖେମୁଣ୍ଡି,୪।୮(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣିରେ ଡାକ୍ତରବାଞ୍ଜିରି ଗ୍ରାମବାସୀ ଅଭିଯୋଗ ଜଣାଇଛନ୍ତି। ସମଗ୍ର ରାଜ୍ୟରେ ଗତ କିଛି ମାସ ହେବ ଚର୍ଚ୍ଚାରେ ଥିବା ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରି ଘଟଣା ଓ ଅବାଧ ବେଆଇନ ଦେଶୀମଦ ଘଟଣାକୁ ନେଇ ଅଭିଯୋଗ ଜଣାଇଛନ୍ତି ଗ୍ରାମବାସୀ। ଗ୍ରାମ ବିକ୍ରୟ ସମୟରେ ଦୀର୍ଘ ବର୍ଷ ଓ ପୁରୁଷାନୁ କ୍ରମେ ରହି ଆସୁଥିବା ଲୋକଙ୍କ ସ୍ୱାର୍ଥ ନଦେଖିବା ଏବଂ ଏହି ବିକ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ବେଆଇନ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାର୍ଥ ଓ ଏହି ବିକ୍ରୟ ପ୍ରକ୍ରିୟାକୁ ପୁନଶ୍ଚ ବିଚାର କରିବା ପାଇଁ ଗ୍ରାମବାସୀ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ସେହିପରି ଗ୍ରାମରେ କିଛି ଦୁର୍ବୃତ୍ତ ବେଆଇନ ଦେଶୀମଦ ରାନ୍ଧିବା ସହ ଚୋରାରେ ବିକ୍ରୟ କରୁଥିବା ଅଭିଯୋଗ ହୋଇଛି। ଏଥିରେ ଗ୍ରାମରେ ଖରାପ ପ୍ରଭାବ ପଡିବା ସହ ଆଖପାଖରେ ଥିବା ଗ୍ରାମର ମଦ୍ୟପ ଯାତାୟତ କରିବା ସହ ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରକାରରେ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଦେଶୀ ମଦ ରନ୍ଧା ଓ ଚୋରା ବିକ୍ରି ବନ୍ଦ କରିବା ପାଇଁ ନିଲାମ୍ମା ଓ ଓମ୍ ସାଇ ମହିଳା ସଂଘ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଗ୍ରାମବିକ୍ରୀ ଓ ଦେଶୀ ରନ୍ଧା ମଦ ବିକ୍ରିକୁ ନେଇ ରାଜରାସ୍ତାକୁ ଗ୍ରାମବାସୀ ଓହ୍ଲାଇବେ ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ତହସିଲଦାରଙ୍କୁ ଦାବି ଜଣାଇଲେ ପାର୍ଟ ପ୍ଲଟ୍‌ର ସଦସ୍ୟ

ପୋଲସରା,୪।୮(ସମିସ): ପୋଲସରା ଏନ୍‌ଏସିରେ ପାର୍ଟପ୍ଲଟ କିଣାବିକା ବନ୍ଦ ରହିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ୫ଶହ ବର୍ଗ ମିଟର ପର୍ଯ୍ୟନ୍ତ ପ୍ଲଟ କିଣାବିକା ହୋଇପାରିବ। ହେଲେ ଉପରୋକ୍ତ କିଣା ବିକାକୁ ନେଇ ଆଇନଗତ ନିଷ୍ପତ୍ତି ଥିବା ସତ୍ତ୍ୱେ ପୋଲସରା ବ୍ୟତୀତ ଅନ୍ୟ ସବୁ ସବରେଜିଷ୍ଟ୍ରି ଅଫିସରେ କିଣାବିକା ହେଉଛି। କିନ୍ତୁ ପରିତାପର ବିଷୟ ଯେ ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପରଠାରୁ ପୋଲସରା ସବ୍‌ରେଜିଷ୍ଟ୍ରାର ଓ ତହସିଲଦାର କିଣାବିକା ନେଇ ବିଧିବଦ୍ଧ ଭାବେ କୌଣସି ଅନୁମତି ପ୍ରଦାନ କରୁନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଲୋକଙ୍କ ଆର୍ଥିକ ଅଭାବ ଓ ଆବଶ୍ୟକ ହେତୁ ସ୍ୱଳ୍ପ ପରିମାଣ ଜମି କିଣାବିକା ବନ୍ଦ ଯୋଗୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଶିକ୍ଷାଗତ ଆବଶ୍ୟକ ପ୍ରମାଣ ପତ୍ର, ଗୃହ ନିର୍ମାଣ ସମେତ ବାସହୀନ ଭୂମିହୀନଙ୍କ ପାଇଁ ଉଚିତ କାର୍ଯ୍ୟକାରିତାରେ ଉପରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ପୋଲସରା ତହସିଲଦାର ଦୀପ୍ତିମୟୀ ପାତ୍ରଙ୍କୁ ଭେଟି ଏକ ଦାବିପତ୍ର ଦିଆଯାଇଛି। ଜନସାଧାରଣ ଓ ବ୍ୟବସାୟୀମାନେ ପ୍ଲଟ୍ ରେଜିଷ୍ଟ୍ରେସନକୁ ନେଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ତୁରନ୍ତ ଏଥିପ୍ରତି ଧ୍ୟାନ ଦେଇ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ଅଭିଯୋଗ ପୂର୍ବକ ପାର୍ଟପ୍ଲଟର ସମସ୍ତ ସଦସ୍ୟ ଦାବି ଜଣାଇଥିଲେ।



